# REGIONAL NEWS UNIT, AIR CUTTACK

## Mid-day Bulletin (2.32PM)

**5 April - 2024**

**News Editor : Tapan Kumar Maharana**

**************************************

## ମୁଖ୍ୟ ସମ୍ବାଦ

- ମତଦାନ ହାର କମ୍ ଥିବା ରାଜ୍ୟଗୁଡ଼ିକ ସହ ଆଜି ଆଲୋଚନା କରିବେ ନିର୍ବାଚନ କମିଶନ୍
- ଭାରତୀୟ ରିଜର୍ଭ ବ୍ୟାଙ୍କ ପକ୍ଷରୁ କ୍ରମାଗତ ସପ୍ତମ ଥର ପାଇଁ ରେପୋ ରେଟ୍ ଅପରିବର୍ତ୍ତିତ ରହିଲା
- ରାଜ୍ୟରେ ୨ ଜଣ ଏସ୍‌ପି ଓ ଜଣେ ଡିସିପିଙ୍କୁ ନିଯୁକ୍ତି ଦେଲେ ନିର୍ବାଚନ କମିଶନ

ଏବଂ

- ଆସନ୍ତା ୨ ଦିନ ପର୍ଯ୍ୟନ୍ତ ରାଜ୍ୟରେ  ପ୍ରବଳ ଗ୍ରୀଷ୍ମପ୍ରବାହ ଜାରି ରହିବ ବୋଲି ପାଣିପାଗ ବିଭାଗର ସତର୍କ ସୂଚନା

— ଜନଗହଳିପୂର୍ଣ୍ଣ ସ୍ଥାନରେ ଜଳଛତ୍ର ଖୋଲିବା ପାଇଁ ଏସ୍‌ଆରସିଙ୍କ ପକ୍ଷରୁ ମାର୍ଗଦର୍ଶିକା ଜାରି

## ମତଦାନ ହାର ବଢ଼ାଇବା ପାଇଁ ପଦକ୍ଷେପ

ଦେଶର ୧୧ଟି ରାଜ୍ୟର ନିର୍ଦ୍ଦିଷ୍ଟ କେତେକ ସ୍ଥାନରେ ମତଦାନ ହାର ଗତ ୨୦୧୯ ନିର୍ବାଚନରେ କମ୍ ରହିଥିବା ଯୋଗୁଁ ଭାରତର ନିର୍ବାଚନ କମିଶନ ମତଦାନ ହାର ବଢ଼ାଇବା ପାଇଁ ପଦକ୍ଷେପ ନେଇଛନ୍ତି । ନିର୍ବାଚନ କମିଶନଙ୍କ ପକ୍ଷରୁ ପ୍ରଥମଥର ପାଇଁ ଏଭଳି ପ୍ରୟାସ କରାଯାଉଛି । ନିର୍ବାଚନ କମିଶନଙ୍କର ବରିଷ୍ଠ ଅଧିକାରୀମାନେ ମତଦାନ ହାର କମ୍ ଥିବା ରାଜ୍ୟ ଗୁଡ଼ିକର ବରିଷ୍ଠ ଅଧିକାରୀମାନଙ୍କ ସହିତ ମତଦାନ ହାର ବଢ଼ାଇବା ପାଇଁ ଆଜି ଆଲୋଚନା କରିବେ । ସୂଚନାଯୋଗ୍ୟ ୧୧ଟି ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳର ୫୦ଟି ସଂସଦୀୟ କ୍ଷେତ୍ରରେ ୨୦୧୯ ମସିହାରେ କମ୍ ମତଦାନ ହାର ଥିଲା । ସେଥିମଧ୍ୟରୁ ୧୭ଟି ମହାନଗର ନିଗମ ଅଞ୍ଚଳ ଥିଲା । ଏହି ମହାନଗର ନିଗମ ଅଞ୍ଚଳ ଗୁଡ଼ିକରେ କମ୍ ସଂଖ୍ୟକ ଭୋଟର ଗତ ନିର୍ବାଚନରେ କମ୍ ମତଦାନ କରିଥିବାରୁ ମତଦାନ ହାରକୁ ବଢ଼ାଇବା ପାଇଁ ନିର୍ବାଚନ କମିଶନ ଏହି ପ୍ରୟାସ କରିଛନ୍ତି ।

## ରିଜର୍ଭ ବ୍ୟାଙ୍କ ମୁଦ୍ରାନୀତି

ଭାରତୀୟ ରିଜର୍ଭ ବ୍ୟାଙ୍କ କ୍ରମାଗତ ସପ୍ତମ ଥର ପାଇଁ ରେପୋ ରେଟ୍ ଅପରିବର୍ତ୍ତିତ ରଖିଛି। ରିଜର୍ଭ ବ୍ୟାଙ୍କ ଗଭର୍ଣ୍ଣର ଶକ୍ତିକାନ୍ତ ଦାସ ଆଜି ମୁଦ୍ରାନୀତି ସମୀକ୍ଷା କରିବା ଅବସରରେ ରେପୋ ରେଟ୍‌କୁ ୬.୫ ପ୍ରତିଶତ ରଖାଯାଇଛି ବୋଲି ଘୋଷଣା କରିଛନ୍ତି। ଚଳିତ ଆର୍ଥିକ ବର୍ଷରେ ଜିଡିପି ହାର ୭ ପ୍ରତିଶତ ଥିବାବେଳେ ସିପିଆଇ ମୁଦ୍ରାସ୍ଫୀତି ୪.୫ ପ୍ରତିଶତ ରହିବ ବୋଲି

ସେ କହିଛନ୍ତି। ଶ୍ରୀ ଦାସ କହିଛନ୍ତି, ଗତ ମାର୍ଚ୍ଚ ୨୯ ତାରିଖ ସୁଦ୍ଧା ଦେଶର ବୈଦେଶିକ ମୁଦ୍ରା ଭଣ୍ଡାର ସର୍ବକାଳୀନ ସର୍ବୋଚ୍ଚ ସ୍ତର ୬୪୫.୬ ବିଲିୟନ ଡଲାରରେ ପହଞ୍ଚିଛି ।

## କଟକ ଡିସିପି ହେଲେ ପ୍ରକାଶ ଆର୍

ରାଜ୍ୟରେ ଦୁଇଜଣ ଆରକ୍ଷୀ ଅଧିକ୍ଷକ ଓ ଜଣେ ଡିସିପିଙ୍କୁ ନିର୍ବାଚନ କମିଶନ୍ ନିଯୁକ୍ତି ଦେଇଛନ୍ତି। ଆଇପିଏସ୍ ଅଧିକାରୀ ପ୍ରକାଶ ଆର୍‌ଙ୍କୁ କଟକର ନୂଆ ଡିସିପି ଭାବେ ନିଯୁକ୍ତି ମିଳିଛି। ସେହିପରି ବ୍ରିଜେଶ ରାୟଙ୍କୁ ରାଉରକେଲା ଏବଂ ଡ. ଉମାଶଙ୍କର ଦାସଙ୍କୁ ଅନୁଗୋଳ ଆରକ୍ଷୀ ଅଧିକ୍ଷକ ଭାବେ ଦାୟିତ୍ୱ ପ୍ରଦାନ କରାଯାଇଛି। ଏନେଇ କମିଶନଙ୍କ କାର୍ଯ୍ୟାଳୟ ପକ୍ଷରୁ ରାଜ୍ୟ ମୁଖ୍ୟ ଶାସନ ସଚିବଙ୍କୁ ଅବଗତ କରାଯାଇଛି।

ସୂଚନାଯୋଗ୍ୟ, ଗତ ୨ ତାରିଖରେ ରାଜ୍ୟର ୨ ଜିଲ୍ଲାପାଳ, ୫ ଆରକ୍ଷୀ ଅଧିକ୍ଷକ ଓ ଜଣେ ଆଇଜିଙ୍କୁ ନିର୍ବାଚନ ଦାୟିତ୍ୱରୁ ତୁରନ୍ତ ହଟାଇବାକୁ ନିର୍ବାଚନ ଆୟୋଗ ନିର୍ଦ୍ଦେଶ ଦେଇଥିଲେ।

## ନିର୍ବାଚନ ଖବର

ଗଞ୍ଜାମ ଜିଲ୍ଲାରେ ଦୁଇଟି ପର୍ଯ୍ୟାୟରେ ଆସନ୍ତା ମେ' ମାସ ୧୩ ଓ ୨୦ ତାରିଖରେ ଜିଲ୍ଲାର ୧୩ ବିଧାନସଭା ଆସନ ସହିତ ବ୍ରହ୍ମପୁର ଓ ଆସିକା ଲୋକସଭା ଆସନ ପାଇଁ ଭୋଟ ଗ୍ରହଣ ହେବ। ଜିଲ୍ଲାରେ ୨୯ ଲକ୍ଷ ୭୧ ହଜାର ୨୨୭ ମତଦାତା ରହିଛନ୍ତି। ସେଥି ମଧ୍ୟରୁ ୧୫ ଲକ୍ଷ ୩୧ ହଜାର

୬୬୦ ଜଣ ପୁରୁଷ ମତଦାତା, ୧୪ ଲକ୍ଷ ୩୯ ହଜାର ୨୮୬ ଜଣ ମହିଳା ମତଦାତା, ତୃତୀୟ ଲିଙ୍ଗ ୨୮୧ ଜଣ ଓ ୬୫ ହଜାର ୮୦ ଜଣ ନୂତନ ଯୁବ ମତଦାତା ରହିଛନ୍ତି । ମତଦାନ ପାଇଁ ୩ ହଜାର ୭୭ ଗୋଟି ମତଦାନ କେନ୍ଦ୍ର ପ୍ରସ୍ତୁତ ହୋଇଛି । ୪୨୪ ଗୋଟି ସଖି ମତଦାନ କେନ୍ଦ୍ର, ୨୬ଟି ମହିଳା ଲିଡ ବୁଥ, ୩୯ ଟି ଯୁବ ବୁଥ ଏବଂ ୧୩ ଟି ଦିବ୍ୟାଙ୍ଗମାନଙ୍କ ପାଇଁ ମତଦାନ କେନ୍ଦ୍ର ପ୍ରସ୍ତୁତ କରାଯାଇଛି । ଏ ସମ୍ପର୍କରେ ଆମ ଗଞ୍ଜାମ ସମ୍ବାଦଦାତା ବିଭୂତି ଭୂଷଣ ତ୍ରିପାଠୀଙ୍କ ରିପୋର୍ଟ...

# - V/O –

## ନିର୍ବାଚନ ସମୀକ୍ଷା

ଆଗାମୀ ନିର୍ବାଚନକୁ ମୁକ୍ତ, ନିରପେକ୍ଷ, ଅବାଧ ଓ ଶାନ୍ତିପୂର୍ଣ୍ଣ ଭାବେ ସମାପନ କରିବା ପାଇଁ କେନ୍ଦ୍ରାଞ୍ଚଳ ରାଜସ୍ୱ ଆୟୁକ୍ତ ରଞ୍ଜନ କୁମାର ଦାସ ଗୁରୁତ୍ୱ ଆରୋପ କରିଛନ୍ତି। ନୟାଗଡ଼ ଗସ୍ତରେ ଯାଇ ନିର୍ବାଚନ ପ୍ରସ୍ତୁତିର ସମୀକ୍ଷା କରିବା ସହ ନିର୍ବାଚନ କମିଶନରଙ୍କ ଆଦର୍ଶ ଆଚରଣ ବିଧି କଡ଼ା କଡ଼ି ପାଳନ କରିବା ପାଇଁ  ସେ ନିର୍ଦ୍ଦେଶ ଦେଇଥିଲେ । ଯଥାର୍ଥ କାରଣ ନ ଥାଇ ମେଡିକାଲ ସାର୍ଟିଫିକେଟର ସାହାଯ୍ୟ ବା ବିଶିଷ୍ଟ ବ୍ୟକ୍ତିଙ୍କ ସୁପାରିଷ ଆଧାରରେ ନିର୍ବାଚନ କାର୍ଯ୍ୟରୁ ନିବୃତ ରହିବାକୁ ଚାହୁଁଥିବା ବ୍ୟକ୍ତି ବିଶେଷଙ୍କ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବାକୁ ସେ ଜିଲ୍ଲା ନିର୍ବାଚନ ଅଧିକାରୀ ସ୍ୱାଧା ଦେବ ସିଂଙ୍କୁ ପରାମର୍ଶ ଦେଇଥିଲେ । ପୋଲିସ ଫ୍ଲାଗ୍ ମାର୍ଚ୍ଚ, ପେଣ୍ଡିଙ୍ଗ୍ ୱାରେଣ୍ଟି, ବନ୍ଧୁକ ଲାଇସେନସ୍ ଇତ୍ୟାଦି ଉପରେ କାର୍ଯ୍ୟାନୁଷ୍ଠାନ ନିମନ୍ତେ

ଉପସ୍ଥିତ ଅତିରିକ୍ତ ଆରକ୍ଷୀ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ । ନିର୍ବାଚନ ସମୟରେ ମାଦକ ଦ୍ରବ୍ୟର ଚୋରାଚାଲାଣ ରୋକିବା ପାଇଁ ସେ ପୋଲିସ ଓ ଅବକାରୀ ବିଭାଗ ମିଳିତ ଭାବେ କାର୍ଯ୍ୟ କରିବା ପାଇଁ ପରାମର୍ଶ ଦେଇଥିଲେ । ଗ୍ରୀଷ୍ମ ପ୍ରବାହକୁ ଦୃଷ୍ଟିରେ ରଖି ପୋଲିଙ୍ଗ ପାର୍ଟି ଡେସ୍‌ପାଚ୍ ସେଣ୍ଟର, ସମସ୍ତ ଭୋଟ ଗ୍ରହଣ କେନ୍ଦ୍ର, କାଉଣ୍ଟି ସେଣ୍ଟର ଗୁଡ଼ିକରେ ଆବଶ୍ୟକୀୟ ଭିତ୍ତିଭୂମି ସୁଦୃଢ଼ କରିବା ପାଇଁ ସେ ଜିଲ୍ଲା ପ୍ରଶାସନକୁ ନିର୍ଦ୍ଦେଶ ଦେଇଥିଲେ ।

## ମାନସିକ ସ୍ୱାସ୍ଥ୍ୟ ହେଲ୍ପଲାଇନ୍

ଛାତ୍ରଛାତ୍ରୀଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିବା ଉଦ୍ଦେଶ୍ୟରେ ମାନସିକ ସ୍ୱାସ୍ଥ୍ୟ ହେଲ୍ପଲାଇନ୍ ଟୋଲ ଫ୍ରି ନମ୍ବର ଉପଲବ୍ଧ କରିବା ପାଇଁ ବିଶ୍ୱବିଦ୍ୟାଳୟ ଅନୁଦାନ ଆୟୋଗ ସମସ୍ତ ଉଚ୍ଚ ଶିକ୍ଷାନୁଷ୍ଠାନକୁ ନିର୍ଦ୍ଦେଶ ଦେଇଛନ୍ତି। ଆୟୋଗ ସମସ୍ତ ବିଶ୍ୱବିଦ୍ୟାଳୟର କୁଳପତି ଏବଂ ସମସ୍ତ କଲେଜର ନୀତିକୁ ଏକ ମାର୍ଗଦର୍ଶିକାରେ ଉଲ୍ଲେଖ କରିଛନ୍ତି, ସ୍ୱାସ୍ଥ୍ୟ ମନ୍ତ୍ରଣାଳୟର ଟେଲି-ମାନସ ମାନସିକ ସ୍ୱାସ୍ଥ୍ୟ ହେଲ୍ପଲାଇନ କାର୍ଯ୍ୟକାରୀ ହେବା ପରଠାରୁ ଉଲ୍ଲେଖନୀୟ ପ୍ରଦର୍ଶନ କରିଛି।

ମାନସିକ ସ୍ୱାସ୍ଥ୍ୟ ସମସ୍ୟା ସହ ସଂଘର୍ଷ କରୁଥିବା ଲୋକଙ୍କୁ ୨୪ ଘଣ୍ଟିଆ ସହାୟତା ପ୍ରଦାନ କରିବା ଏହି ଟେଲି ମାନସ ସେବାର ଲକ୍ଷ୍ୟ। ତେଣୁ ଏହାକୁ ବ୍ୟାପକ ପ୍ରଚାର କରିବାକୁ ଆୟୋଗ, ଉଚ୍ଚ ଶିକ୍ଷାନୁଷ୍ଠାନଗୁଡ଼ିକୁ ଅନୁରୋଧ କରିଛନ୍ତି।

## ଶ୍ରୀରାମନବମୀ

**ଭଦ୍ରକ** ଜିଲ୍ଲାରେ ଶ୍ରୀରାମନବମୀ ପାଳନ ପାଇଁ ନିର୍ବାଚନ ଆଚରଣ ବିଧି ଅନୁପାଳନ କରିବା ନେଇ ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାପାଳଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ଆଦର୍ଶ ଆଚରଣ ବିଧି ପାଳନ କରିବା, ପାନୀୟ ଜଳ, ପରିମଳ ବ୍ୟବସ୍ଥା, ବିଦ୍ୟୁତ୍, ପୁଲିସ୍ ସୁରକ୍ଷା ବ୍ୟବସ୍ଥା ସମ୍ପର୍କରେ ଆଲୋଚନା କରାଯାଇଛି।

## ଗ୍ରୀଷ୍ମ ମୁକାବିଲା ସ୍ଥିତି ସମୀକ୍ଷା

ରାଜ୍ୟରେ ଜାରି ରହିଥିବା ଗ୍ରୀଷ୍ମ ପ୍ରବାହ ଜନିତ ସ୍ଥିତି ସମ୍ପର୍କରେ କେନ୍ଦ୍ର ସରକାର ଗତକାଲି ସମୀକ୍ଷା କରିଛନ୍ତି । କେନ୍ଦ୍ର ସରକାରଙ୍କ ଜାତୀୟ ବିପର୍ଯ୍ୟୟ ପରିଚାଳନା ପ୍ରାଧିକରଣର (ଏନ୍‌ଡିଏମ୍‌ଏ)ବରିଷ୍ଠ ଅଧିକାରୀମାନେ ଓଡ଼ିଶା ସମେତ ୧୦ଟି ରାଜ୍ୟର ଅଧିକାରୀଙ୍କ ସହ ଏନେଇ ଗୁରୁତ୍ୱପୂର୍ଣ୍ଣ ବୈଠକ କରିଥିଲେ। ଭିଡିଓ କନଫରେନ୍ସିଂ ମାଧ୍ୟମରେ ହୋଇଥିବା ଏହି ବୈଠକରେ ରାଜ୍ୟର ଅତିରିକ୍ତ ରିଲିଫ କମିସନର ପଦ୍ମନାଭ ବେହେରାଙ୍କ ସମେତ ଓଡ଼ିଶା ରାଜ୍ୟ ବିପର୍ଯ୍ୟୟ ପ୍ରଶମନ କର୍ତ୍ତୃପକ୍ଷ (ଓଏସ୍‌ଡମା)ର ବରିଷ୍ଠ ଅଧିକାରୀମାନେ ଅଂଶଗ୍ରହଣ କରିଥିଲେ। ଏହି ସମୀକ୍ଷା ବୈଠକରେ ଗ୍ରୀଷ୍ମ ମୁକାବିଲା ନେଇ ରାଜ୍ୟ ସରକାରଙ୍କ ପକ୍ଷରୁ ନିଆଯାଇଥିବା ପଦକ୍ଷେପ ସମ୍ପର୍କରେ ଏନ୍‌ଡିଏମ୍‌ଏର ଅଧିକାରୀଙ୍କୁ ଅବଗତ କରାଯାଇଥିଲା। ବୈଠକରେ ଏନଡିଏମ୍‌ଏ ପକ୍ଷରୁ ଆଗୁଆ ସତର୍କ ସୂଚନା କିପରି ଲୋକଙ୍କ ପାଖରେ ପହଞ୍ଚିପାରିବ ସେନେଇ ଗୁରୁତ୍ୱ ଦିଆଯାଇଛି।

# ଗ୍ରୀଷ୍ମ ଲହରୀ

ରାଜ୍ୟର ବିଭିନ୍ନ ସ୍ଥାନରେ ଗ୍ରୀଷ୍ମ ପ୍ରବାହ ଜାରି ରହିଛି। ପାଣିପାଗ ବିଭାଗର ସୂଚନା ଅନୁସାରେ, ଆଜି ସକାଳ ସାଢ଼େ ୧୧ଟା ସୁଦ୍ଧା ୧୧ଟି ସହରରେ ତାପମାତ୍ରା ୩୦ ଡିଗ୍ରି ଅତିକ୍ରମ କରିଛି। ରାଜଧାନୀ ଭୁବନେଶ୍ୱରରେ ସର୍ବୋଚ୍ଚ ଦିନ ତାପମାତ୍ରା ୩୯ ଦଶମିକ ୮ ଡିଗ୍ରୀ ସେଲସିୟସ୍ ରେକର୍ଡ କରାଯାଇଛି। ସେହିପରି କେନ୍ଦୁଝରରେ ୩୯.୨ ଡିଗ୍ରି, ବାଲେଶ୍ୱର ଓ ଝାରସୁଗୁଡ଼ାରେ ୩୮ ଡିଗ୍ରି, ରାଉରକେଲାରେ ୩୭.୮ ଡିଗ୍ରି, ସେଲସିୟସ୍ ତାପମାତ୍ରା ରେକର୍ଡ କରାଯାଇଛି।

ରାଜ୍ୟରେ ଆସନ୍ତା ଦୁଇଦିନ ପର୍ଯ୍ୟନ୍ତ ପ୍ରବଳ ଗରମ ଅନୁଭୂତ ହେବ ବୋଲି ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ର ପୂର୍ବାନୁମାନ କରିଛି ।ଏହାକୁ ଦୃଷ୍ଟିରେ ରଖି ଆସନ୍ତା ୪୮ ଘଣ୍ଟା ପର୍ଯ୍ୟନ୍ତ ବିଭିନ୍ନ ଜିଲ୍ଲାକୁ ହିଟ୍ ୱେଭ୍ ଆଲର୍ଟ ଜାରି କରାଯାଇଛି । ତେବେ ଆସନ୍ତା ଶନିବାର ବେଳକୁ ତାତିରୁ ସାମାନ୍ୟ ଆଶ୍ୱସ୍ତି ମିଳିବାର ସମ୍ଭାବନା ରହିଛି ବୋଲି ପାଣିପାଗ ବିଭାଗ ପକ୍ଷରୁ ପୂର୍ବାନୁମାନ କରାଯାଇଛି। ଆସନ୍ତା ୨୪ ଘଣ୍ଟା ମଧ୍ୟରେ ଖୋର୍ଦ୍ଧା, କଟକ, ବଲାଙ୍ଗିର, ବୌଦ୍ଧ, ଅନୁଗୋଳ, ମାଲକାନଗିରି, ନୟାଗଡ଼ ଓ କେନ୍ଦୁଝର ଜିଲ୍ଲାକୁ ହିଟ୍ ୱେଭ୍ ଆଲର୍ଟ ଜାରି କରାଯାଇଛି। ସେହିପରି ବଲାଙ୍ଗିର,

କନ୍ଧମାଳ, ବୌଦ୍ଧ ଓ ଭଦ୍ରକ ଜିଲ୍ଲାରେ ଉଷ୍ଣ ତାତି ଅନୁଭୂତ ହେବା ନେଇ ଏହି ଜିଲ୍ଲାଗୁଡ଼ିକ ପାଇଁ ପାଣିପାଗ କେନ୍ଦ୍ର ପକ୍ଷରୁ ସତର୍କ ସୂଚନା ଜାରି କରାଯାଇଛି। ଆସନ୍ତା ୨୪ ଘଣ୍ଟା ମଧ୍ୟରେ କୋରାପୁଟ, ରାୟଗଡ଼ା, ଗଜପତି ଜିଲ୍ଲାର ଗୋଟିଏ ଦୁଇଟି ସ୍ଥାନରେ ସାମାନ୍ୟରୁ ମଧ୍ୟମ ଧରଣର ବର୍ଷାର ସମ୍ଭାବନା ଅଛି ବୋଲି ପାଣିପାଗ ବିଭାଗ ପକ୍ଷରୁ ପୂର୍ବାନୁମାନ କରାଯାଇଛି।

## ଜଳଛତ୍ର

ଗ୍ରୀଷ୍ମ ପ୍ରବାହର ମୁକାବିଲା କରିବା ପାଇଁ ରାଜ୍ୟ ସରକାର ବିଭିନ୍ନ ପଦକ୍ଷେପ ନେଉଛନ୍ତି। ଜନଗହଳିପୂର୍ଣ୍ଣ ସ୍ଥାନରେ ଜଳଛତ୍ର ଖୋଲିବା ପାଇଁ ପଦକ୍ଷେପ ନେବାକୁ ଅତିରିକ୍ତ ରିଲିଫ କମିଶନର ପଦ୍ମନାଭ ବେହେରା ରାଜ୍ୟର ୫ ମହାନଗର ନିଗମ କମିଶନରଙ୍କୁ ଚିଠି ଲେଖିଛନ୍ତି। ଏଥିପାଇଁ ଏସଆରସିଙ୍କ କାର୍ଯ୍ୟାଳୟ ପକ୍ଷରୁ ବିସ୍ତୃତ ମାର୍ଗଦର୍ଶିକା ଜାରି କରାଯାଇଛି। ଏହାର ଅନୁପାଳନ କରିବା ପାଇଁ ଶ୍ରୀ ବେହେରା ଚିଠିରେ ଉଲ୍ଲେଖ କରିଛନ୍ତି।

## ବିସିଜି ଟୀକାକରଣ

ରାଜ୍ୟ ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶାଳୟରୁ ମିଳିଥିବା ସୂଚନା ଅନୁସାରେ ୧୮ବର୍ଷରୁ ଅଧିକ ବୟସର ଲୋକମାନଙ୍କୁ ଯକ୍ଷ୍ମା ରୋଗର ଉପଚାର ପାଇଁ ବିସିଜି ଟୀକା ଦିଆଯିବ । ପୂର୍ବରୁ ଶିଶୁମାନଙ୍କୁ ଯକ୍ଷ୍ମା ନିରାକରଣ ଅଭିଯାନରେ ବିସିଜି ଟୀକା ଦିଆଯାଉଛି । ବର୍ତ୍ତମାନ ପରୀକ୍ଷାମୂଳକ ଭାବେ ରାଜ୍ୟର ୩୦ଟି ଜିଲ୍ଲାରୁ ୧୫ଟି ଜିଲ୍ଲାରେ ୧୮ବର୍ଷରୁ ଊର୍ଦ୍ଧ୍ୱ ବୟସର ଲୋକମାନଙ୍କୁ ବିସିଜି ଟୀକା ଦେବାପାଇଁ ସ୍ୱାସ୍ଥ୍ୟକର୍ମୀମାନଙ୍କୁ ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶାଳୟ ପକ୍ଷରୁ ତାଲିମ

ଦିଆଯାଉଛି । ଏହି ଟୀକାକରଣ ସଫଳ ହେଲେ ରାଜ୍ୟର ବାକି ୧୫ଟି ଜିଲ୍ଲାରେ ଟୀକାକରଣ କରାଯିବ ବୋଲି ସ୍ୱାସ୍ଥ୍ୟବିଭାଗ ସୂଚନାରୁ ଜଣାପଡିଛି ।

*********************************